# NATIONAL NEWS BULLETIN (ODIA)

## 4 August - 2025

### Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ୫ ଦିନିଆ ଭାରତ ଗସ୍ତରେ ଆସିବେ ଫିଲିପାଇନ୍ସ ରାଷ୍ଟ୍ରପତି ।
- ରେପୋରେଟ୍ ହ୍ରାସ ନେଇ ଆଜିଠାରୁ ଆରମ୍ଭ ହେବ ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି ବୈଠକ ।
- ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ଭାରତର ସ୍ମାର୍ଟଫୋନ୍ ରପ୍ତାନୀ ୫୮ ପ୍ରତିଶତ ବୃଦ୍ଧି ।
- ଜାମ୍ମୁକାଶ୍ମୀରର ଉଭୟ ମାର୍ଗରୁ ଅମରନାଥ ଯାତ୍ରା ସ୍ଥଗିତ

ଏବଂ

- ଆଣ୍ଡରସନ ତେନ୍ଦୁଲକର ଟ୍ରଫିର ପଞ୍ଚମ ଟେଷ୍ଟମ୍ୟାଚ୍‌ର ଆଜି ଶେଷ ଦିନରେ ୩ଶହ ଅଣଚାଳିଶ ରନ୍‌ରୁ ଦ୍ୱିତୀୟ ଇନିଂସ୍ ଜାରି ରଖିବ ଇଂଲଣ୍ଡ ।

# ଫିଲିପାଇନ୍ସ ପ୍ରେସିଡେଣ୍ଟ ଭିଜିଟ୍

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାର୍କୋସ୍ ଜୁନିୟର ଆଜିଠାରୁ ୫ ଦିନିଆ ଭାରତ ଗସ୍ତରେ ଆସିବେ । ତାଙ୍କ ସହିତ ଫିଲିପାଇନ୍ସର ପ୍ରଥମ ମହିଳା ଲୁଇସ୍ ଆରାନେଟା ମାର୍କୋସ୍ ଏବଂ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଭାରତ ଗସ୍ତରେ ଆସୁଛନ୍ତି । ପ୍ରତିନିଧି ଦଳରେ କ୍ୟାବିନେଟ୍ ମନ୍ତ୍ରୀ,

ବରିଷ୍ଠ ଅଧିକାରୀ ଓ ବ୍ୟାବସାୟିକ ପ୍ରତିନିଧିମାନେ ରହିଥିବା ଜଣାପଡିଛି । ଫିଲିପାଇନ୍ସର ରାଷ୍ଟ୍ରପତି ପଦ ଗ୍ରହଣ କରିବା ପରେ ମାର୍କୋସ୍ ଜୁନିୟରଙ୍କ ଏହା ପ୍ରଥମ ଭାରତ ଗସ୍ତ ହେବ ।

ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ମଧ୍ୟରେ ଆସନ୍ତାକାଲି ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହେବ । ରାଷ୍ଟ୍ରପତି ମାର୍କୋସ୍ ମଧ୍ୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ରାଷ୍ଟ୍ରପତି ମାର୍କୋସ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତକାଳରେ ରାଷ୍ଟ୍ରପତି ମାର୍କୋସ୍ ବେଙ୍ଗାଲୁରୁ ଗସ୍ତରେ ଯିବେ ବୋଲି ଜଣାପଡିଛି ।

ଭାରତ ଓ ଫିଲିପାଇନ୍ସ ମଧ୍ୟରେ ୧୯୪୯ ନଭେମ୍ବର ମାସରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବା ପରେ ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା, ସାମୁଦ୍ରିକ ସହଯୋଗ, କୃଷି, ସ୍ୱାସ୍ଥ୍ୟସେବା ଏବଂ ଡିଜିଟାଲ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହଭାଗିତା ରହିଛି । ଭାରତର ଆକ୍ଟ-ଇଷ୍ଟ ପଲିସି ନୀତି ଅନୁଯାୟୀ ଫିଲିପାଇନ୍ସ ପ୍ରମୁଖ ଅଂଶୀଦାର ହୋଇଥିବାବେଳେ ଭାରତ-ପ୍ରଶାନ୍ତ ମହାସାଗରୀୟ ନୀତିର ଏକ ପ୍ରମୁଖ ସ୍ତମ୍ଭ ପାଲଟିଛି । ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ଉଭୟ ଦେଶର କୂଟନୈତିକ ସମ୍ପର୍କରେ ୭୫ତମ ବାର୍ଷିକୀ

ସମୟରେ ହେଉଥିବାରୁ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଦୃଢ଼ କରିବା ଲାଗି ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯିବାର ସମ୍ଭାବନା ରହିଛି ।

## ଆର୍‌ବିଆଇ-ଏମ୍‌ପିସି

ରେପୋରେଟ୍ ହ୍ରାସ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି ବୈଠକ ଆଜିଠାରୁ ଆରମ୍ଭ ହେବ । ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ କମିଟି ବୁଧବାର ଦିନ ଏହାର ନିଷ୍ପତ୍ତି ଘୋଷଣା କରିବ । ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ରିପୋର୍ଟ ଅନୁଯାୟୀ ଦୀପାବଳୀ ପୂର୍ବରୁ ଋଣ ପରିମାଣ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ୨୫ ବେସିସ୍ ପଏଣ୍ଟରେ ରେପୋରେଟ୍ ହ୍ରାସ କରାଯିବାର ସମ୍ଭାବନା ରହିଛି । ରିପୋର୍ଟ ଅନୁଯାୟୀ ଦୀପାବଳୀ ପୂର୍ବରୁ ରେପୋରେଟ୍ ହ୍ରାସ କରିବା ଦ୍ୱାରା କ୍ରେଡିଟ୍ ଅଭିବୃଦ୍ଧି ହୋଇଥାଏ । ଭାରତର ପ୍ରମୁଖ ପର୍ବ ଭାବରେ ଦୀପାବଳୀ ପାଳନ କରାଯାଉଥିବାରୁ ଗ୍ରାହକମାନେ ଅଧିକ ଖର୍ଚ୍ଚ କରିଥାନ୍ତି, ଯେଉଁଥିପାଇଁ କମ୍ ସୁଧହାରରେ ଋଣ ଗ୍ରହଣ କରିବାର ସମ୍ଭାବନା ବୃଦ୍ଧି ପାଇଥାଏ । କେନ୍ଦ୍ରୀୟ ବ୍ୟାଙ୍କ ରେପୋରେଟ୍ ହାରକୁ ୫ ଦଶମିକ ୫ ପ୍ରତିଶତ ବଜାୟ ରଖିବାର ସମ୍ଭାବନା ରହିଥିବା ବିଶେଷଜ୍ଞମାନେ କହିଛନ୍ତି ।

# ପିଏମ୍-ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ

ଗୁଜୁରାଟର କାଣ୍ଡଲାରେ ଭାରତର ପ୍ରଥମ ମେକ୍ ଇନ୍ ଇଣ୍ଡିଆ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ସହ ସ୍ଥାୟୀତ୍ୱ ଦିଗରେ ଏହି ଐତିହାସିକ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ଦୀନ୍ ଦୟାଲ ପୋର୍ଟ ଅଥରିଟି ଦ୍ୱାରା ହାତକୁ ନିଆଯାଇଥିବା ଏହି ପ୍ରକଳ୍ପ ଶୂନ୍ୟ ଅଙ୍ଗାରକ ନିର୍ଗମନ ଲକ୍ଷ୍ୟ ହାସଲ କରିବା ପ୍ରୟାସରେ ଏକ ପ୍ରମୁଖ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏଭଳି ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଚଳିତବର୍ଷ ମେ’ ମାସରେ ଭୁଜ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ୧୦ମେଗାୱାଟ ବିଶିଷ୍ଟ ଗ୍ରୀନ୍ ହାଇଡ୍ରୋଜେନ୍ ବ୍ୟବସ୍ଥାର ଭିତ୍ତିଭୂମି ସ୍ଥାପନ କରିଥିବା ଏହି ପ୍ଲାଣ୍ଟ ମାତ୍ର ୪ ମାସ ପରେ କାର୍ଯ୍ୟକ୍ଷମ ହୋଇଥିଲା । ଏଥିସହିତ କାଣ୍ଡଲା ପ୍ରଥମ ଭାରତୀୟ ବନ୍ଦର ଭାବେ ସ୍ୱଦେଶୀ ଗ୍ରୀନ୍ ହାଇଡ୍ରୋଜେନ୍ ସୁବିଧା ସମ୍ପନ୍ନ ହୋଇଛି ।

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏହି ପ୍ଲାଣ୍ଟର ଉଦ୍‌ଘାଟନ କରିଥିଲେ । ରେକର୍ଡ ସମୟ ମଧ୍ୟରେ ଏହାର କାର୍ଯ୍ୟାନ୍ୱୟନ ହୋଇଥିବାରୁ ସେ ଇଞ୍ଜିନିୟର ମାନଙ୍କୁ ପ୍ରଶଂସା କରିଛନ୍ତି । ଏହି ସଫଳତା ସହିତ ଭାରତ ୨୦୭୦ ସୁଦ୍ଧା ଶୂନ୍ୟ ଅଙ୍ଗାରକ ନିର୍ଗମନ ଲକ୍ଷ୍ୟ ହାସଲ କରିବାକୁ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି ।

# ସ୍ମାର୍ଟଫୋନ୍ ଏକ୍ସପୋର୍ଟ

୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ଭାରତର ସ୍ମାର୍ଟଫୋନ୍ ରପ୍ତାନୀ ଗତବର୍ଷ ତୁଳନାରେ ୫୮ ପ୍ରତିଶତ ବୃଦ୍ଧି ପାଇ ଶୀର୍ଷରେ ପହଞ୍ଚିଛି । ପ୍ରଥମ ୩ ମାସରେ ରପ୍ତାନୀ ୭ ଦଶମିକ ୭/୨ ବିଲିୟନ ଡଲାରରେ ପହଞ୍ଚିଥିବାବେଳେ ଗତବର୍ଷ ସେହିସମୟ ମଧ୍ୟରେ ରପ୍ତାନୀ ୪ ଦଶମିକ ୯ ବିଲିୟନ ଡଲାର ରହିଥିଲା । ରିପୋର୍ଟ ଅନୁଯାୟୀ ଆପଲ ଇନ୍କର୍ପୋରେଟେଡ୍ର ନେତୃତ୍ୱରେ ୬ ବିଲିୟନ ଡଲାର ମୂଲ୍ୟର ଆଇଫୋନ୍ ରପ୍ତାନୀ ହୋଇଥିବାବେଳେ ପୂର୍ବବର୍ଷ ତୁଳନାରେ ୮୨ପ୍ରତିଶତ ବୃଦ୍ଧଇ ଘଟିଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ମୋଟ୍ ସ୍ମାର୍ଟଫୋନ୍ ରପ୍ତାନୀର ଏହା ୭୮ ପ୍ରତିଶତ ଥିଲା । ୨୦୨୧ ଆର୍ଥିକ ବର୍ଷରେ ଭାରତ ୩ ଦଶମିକ ୧ ବିଲିୟନ ଡଲାର ମୂଲ୍ୟର ସ୍ମାର୍ଟଫୋନ୍ ରପ୍ତାନୀ କରିଥିଲା । ଚଳିତବର୍ଷ ସୁଦ୍ଧା ଏହା ୨୪ ଦଶମିକ ୧ ବିଲିୟନ ଡଲାରକୁ ବୃଦ୍ଧି ପାଇବା କ୍ଷେତ୍ରରେ ଆପଲର ୧୭ ଦଶମିକ ୫ ବିଲିୟନ ଡଲାର ଅବଦାନ ରହିଛି । ଅନ୍ୟାନ୍ୟ ପ୍ରମୁଖ ରପ୍ତାନୀକାରୀଙ୍କ ମଧ୍ୟରେ ଡିକ୍ସନ ଟେକ୍ନୋଲୋଜିର ଏକ ସହାୟକ କମ୍ପାନୀ ପାଜେଟ ଇଲେକ୍ଟ୍ରୋନିକ୍ସ ୧୭୫ ନିୟୁତ ଡଲାର ମୂଲ୍ୟର ସ୍ମାର୍ଟଫୋନ୍ ରପ୍ତାନୀ କରିଥିଲା ।

# ଗୁଜୁରାଟ-ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିକଶିତ ଭାରତ ଗଠନ ଲାଗି ଜାତୀୟ ମିଶନରେ ଯୋଗଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ମହାମାରୀ ପରେ ଭାରତର ବୃଦ୍ଧି ପାଉଥିବା ଆର୍ଥିକ ଶକ୍ତି ଏବଂ ପ୍ରଯୁକ୍ତି ବିଦ୍ୟା ବିକାଶ ଉପରେ ଆଲୋଚନା କରି ଶ୍ରୀ ବୈଷ୍ଣବ କହିଛନ୍ତି । ବିଶ୍ୱ ଅର୍ଥନୀତିରେ ଅଭିବୃଦ୍ଧି ହାର ହ୍ରାସ ପାଉଥିବାବେଳେ ଭାରତ ଚତୁର୍ଥ ବୃହତ୍ ଅର୍ଥନୀତି ଭାବରେ ଉଭା ହୋଇଛି । ବିକଶିତ ଭାରତ ସମ୍ବାଦ ଶୀର୍ଷକ ଉଦ୍‌ବୋଧନରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ବନ୍ଦେ ଭାରତ ଟ୍ରେନ୍‌କୁ ଦେଶର ନବସୃଜନର ପ୍ରମୁଖ ଦିଗ ବୋଲି ବର୍ଣ୍ଣନା କରିବା ସହ ଇଲେକ୍ଟ୍ରୋନିକ ଉତ୍ପାଦନରେ ଭାରତ ୧୫୦ ବିଲିୟନ ଡଲାର ସମ୍ବଳିତ ଶିଳ୍ପ ପାଲଟିଥିବା କହିଛନ୍ତି ।

**V/O (Ashwini Baishnab)**

# ଅମରନାଥ ଯାତ୍ରା

ଜାମ୍ମୁକାଶ୍ମୀରର ଉଭୟ ବାଲତାଲ ଏବଂ ପହଲଗାମ ମାର୍ଗରେ ଅମରନାଥ ଯାତ୍ରାକୁ ସ୍ଥଗିତ ରଖାଯାଇଛି । ସୂଚନା ଅନୁଯାୟୀ ପ୍ରବଳ ବର୍ଷା ଯୋଗୁଁ ବାଲତାଲ ଏବଂ ପହଲଗାମ ମାର୍ଗରେ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟଲାଗି ଅମରନାଥ ଯାତ୍ରା ସ୍ଥଗିତ ରଖାଯାଇଥିବା କାଶ୍ମୀରର ଡିଭିଜନାଲ କମିସନର ବିଜୟ କୁମାର ବିଧୁରୀ କହିଛନ୍ତି । ସଂପୃକ୍ତ ମାର୍ଗ ଗୁଡ଼ିକରେ ମରାମତି କାର୍ଯ୍ୟ

ଲାଗି ଯନ୍ତ୍ରପାତି ନିୟୋଜନ ଥିବାରୁ ପ୍ରଶାସନ ଯାତ୍ରା ସ୍ଥଗିତ ନିଷ୍ପତ୍ତି ନେଇଛି । ଗତମାସ ୩ ତାରିଖରେ ଯାତ୍ରା ହେବା ପରଠାରୁ ଏ ପର୍ଯ୍ୟନ୍ତ ୪ଲକ୍ଷରୁ ଅଧିକ ଯାତ୍ରୀ ଅମରନାଥ ପବିତ୍ର ଗୁମ୍ଫା ଦର୍ଶନ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **'ସାଇବର ଠକେଇରୁ ସୁରକ୍ଷିତ ରହିବାର ଉପାୟ'** ଶୀର୍ଷକ ଆଲୋଚନା ପ୍ରଚାର କରାଯିବ । ସାଇବର ଅପରାଧ ଗୁରୁଗ୍ରାମର ଏସିପି ପ୍ରିୟାଂଶୁ ଦିଓ୍ୱାନ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞ ପଓ୍ୱନ ଦୁଗଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ଓ୍ୱେବ୍ସାଇଟ୍ news on

air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

## କ୍ରିକେଟ୍-ଟେଷ୍ଟ

ଓଭାଲଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ପଞ୍ଚମ ଟେଷ୍ଟର ଆଜି ଶେଷ ଦିନରେ ଇଂଲଣ୍ଡ ୩ଶହ ଅଣଚାଳିଶ ରନ୍‌ରୁ ଦ୍ୱିତୀୟ ଇନିଂସ୍ ଜାରି ରଖିବ । ଆଜିର ମ୍ୟାଚ୍‌ରେ ଇଂଲଣ୍ଡ ବିଜୟ ହାସଲ କରିବା ଲାଗି ୩୫ ରନ୍ ଆବଶ୍ୟକ କରୁଥିବାବେଳେ ଭାରତ ବଳକା ୪ଟି ଓ୍ୱିକେଟ୍ ଅକ୍ତିଆର କରି ବିଜୟ ହାସଲ ପାଇଁ ଚେଷ୍ଟା କରିବ ।

ଗତକାଲି ୩୭୪ ରନ୍‌ର ପିଛାକରି ଇଂଲଣ୍ଡ ୬ ଓ୍ୱିକେଟ୍ ହରାଇ ୩ଶହ ଅଣଚାଳିଶ ରନ୍ ସ୍କୋର କରିଛି । ମହମ୍ମଦ ସିରାଜ ୩ଟି ଓ୍ୱିକେଟ୍ ନେଇଥିବାବେଳେ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଓ୍ୱିକେଟ୍ ନେଇଛନ୍ତି । ସୂଚନାଯୋଗ୍ୟ ଭାରତ ଦ୍ୱିତୀୟ ଇନିଂସ୍‌ରେ ୩୯୬ରନ୍ କରିଛି । ପ୍ରଥମ ଇନିଂସ୍‌ରେ ଭାରତ ୨୨୪ରନ୍ ଓ ଇଂଲଣ୍ଡ ୨୪୭ରନ୍ କରିଥିଲା । ଏହି ସିରିଜ୍‌ରେ ଭାରତ ୧-୨ରେ ପଛରେ ରହିଛି ।

# ଟ୍ରିପଲ ଜମ୍ପ ଟାଇଟଲ

କାଜାଖସ୍ତାନର ଆଲମାଟିରେ ଅନୁଷ୍ଠିତ କୋଶାନୋଭ ମେମୋରିଆଲ ୨୦୨୫ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ କ୍ରୀଡ଼ାବିତ୍ ତଥା ପୂର୍ବତନ ଏସୀୟ ଚାମ୍ପିୟନ ଅବଦୁଲ୍ଲା ଅବୁବକର ପୁରୁଷ ଟ୍ରିପଲ ଜମ୍ପ ଟାଇଟଲ ହାସଲ କରିଛନ୍ତି । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କଠାରୁ ଗୋଟିଏ ସେଣ୍ଟିମିଟର ବ୍ୟବଧାନରେ ବିଜୟ ହାସଲ କରିଛନ୍ତି । ଅଣତିରିଶ ବର୍ଷୀୟ କେରଳୀ କ୍ରୀଡ଼ାବିତ୍ ଅବଦୁଲ୍ଲା ୧୬ ଦଶମିକ ୮ ମିଟର ଲମ୍ଫ ପ୍ରଦାନ କରି ବିଜୟହାସଲ କରିଥିଲେ ।